# ପିଲାଙ୍କ ଧରିତ୍ରୀ

ଶନିବାର, ୨୨ ସେପ୍ଟେମ୍ବର, ୨୦୧୮








୮ ଆଇନା


୨ ଜଣା -ଅଜଣା

୩ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି

୬ ଆସ ଜାଣିବା

୪ ତୁମ ତୂଳୀରୁ





## ମତାମତ

▶ ପିଲାଙ୍କ ଧରିତ୍ରୀରେ ପ୍ରକାଶିତ ଖିଲିଖିଲି ହସ ପଢିବାକୁ ମଜା ଲାଗୁଛି। 'ତୁମ ତୂଳୀରୁ'ରେ କୁନି କୁନି ପିଲାଙ୍କ ଶିଳ୍ପୀ ସର୍ଜନା ଚମତ୍କାର। କବିତା ବରଷା ଆସେ, ଚକୋଲେଟ୍ ମ୍ୟୁଜିୟମ୍ ବିଷୟରେ ପଢି ଭଲ ଲାଗିଲା।

– **ରାମଚନ୍ଦ୍ର ଦାଶ,** *ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ*

▶ ଆଠପୃଷ୍ଠାର ପତ୍ରିକା ପିଲାଙ୍କ ଧରିତ୍ରୀରେ ଗୋଟିଏ ପୃଷ୍ଠା କେବଳ ଗପ ଓ ଗୋଟିଏ ପୃଷ୍ଠା କେବଳ କବିତା ପ୍ରକାଶିତ ହେଲେ ଆହୁରି ଉପାଦେୟ ହୋଇପାରନ୍ତା।

– **ନିର୍ଭୟ କୁମାର ପାଣି,** *ବିଜିଗୋଳ, କଣିହା, ଅନୁଗୋଳ*

▶ ସ୍ମିତା ନାୟକଙ୍କ 'ମୃତ୍ୟୁବେଳେ ମସ୍ତିଷ୍କରେ କ'ଣ ହୁଏ' ବେଶ୍ ଜାଣିବା ଉପଯୋଗୀ ବିଷୟ ଥିଲା।

– **ତନୁଶ୍ରୀ ପଟ୍ଟନାୟକ,** *କୋଟପାଡ଼, କୋରାପୁଟ*

▶ ଜଣା ଅଜଣା ସ୍ତମ୍ଭରୁ ନୂଆ ନୂଆ କଥା ଜାଣିବାକୁ ମିଳୁଛି। ଏହାକୁ ସମ୍ପୂର୍ଣ୍ଣ ଗୋଟିଏ ପୃଷ୍ଠାରେ ସ୍ଥାନିତ କଲେ ଭଲ ହୁଅନ୍ତା।

– **ସ୍ୱରୂପ ମହାପାତ୍ର,** *ପାଣିକୋଇଲି, ଯାଜପୁର*

## ଗପ

# ପଥର ଓ ଦେବତା



ବିଶ୍ୱବନ୍ଦିତା ମହାପାତ୍ର

କଥାରେ ଅଛି 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେ ବି ମରଇ।' ଦେବଦେବୀଙ୍କ ଅବତାରକୁ କାହିଁ କେତେ ଯୁଗରୁ ଆମେ ବିଶ୍ୱାସ କରିଆସୁଛେ। ପର୍ବପର୍ବାଣି ହେଉ ଅବା ଅନ୍ୟ ଦିନରେ ଆମେ ମନ୍ଦିର ଯାଉ, ସେଠାରେ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିଥାଉ। ଥରେ ଏକ ମନ୍ଦିର ସାମ୍ନାରେ ପଡିଥିବା ଗୋଟିଏ ପଥରର ଦୃଷ୍ଟି ମନ୍ଦିର କାନ୍ଥରେ ପୂଜା ପାଉଥିବା ଏକ ପଥର ମୂର୍ତ୍ତି ଉପରେ ପଡ଼ିଲା। ପଡିଥିବା ପଥର ଉପରେ ଭକ୍ତଗଣ ଯିବା ଆସିବା କରୁଥାଆନ୍ତି। ସେପଟେ ମନ୍ଦିରରେ ଥିବା ପଥର ମୂର୍ତ୍ତିକୁ ଲୋକେ ପୂଜା କରୁଥାଆନ୍ତି। ଏହାଦେଖି ପଡିଥିବା ପଥର କହିଲା, 'ଆରେ ଭାଇ, ଦେଖୁଛ, ତୁମେ ତ ପଥର ମୁଁ ତ ପଥର। ହେଲେ ଭକ୍ତମାନେ ତୁମକୁ ଫୁଲ, ଚନ୍ଦନ, ଧୂପ ଭୋଗ ଦେଇ ପୂଜା କରୁଛନ୍ତି। ହେଲେ ମୁଁ ! ସେମିତି ପଥରଟିଏ ହୋଇ ପଡି ରହିଛି। ମୋ ଉପରେ କେହି କେହି ଜୋତା ରଖି ମନ୍ଦିର ଭିତରକୁ ଯିବାକୁ ଭୁଲୁ ନାହାନ୍ତି।



ଏମିତି କାହିଁକି ହେଉଛି ?' ଏକଥା ଶୁଣି ପଥରରେ ନିର୍ମିତ ମୂର୍ତ୍ତି ହସି ଦେଇ କହିଲା, 'ଭାଇ, ଠିକ୍ କଥା କହିଛ। ତୁମେ ପଥର ମୁଁ ବି ପଥର। ଆମ ଦୁହିଁଙ୍କୁ ପାହାଡରୁ କାଟି ମୂର୍ତ୍ତି ଗଢ଼ିବାକୁ ଆଣିଥିଲେ। ଯେତେବେଳେ କାରିଗର ତା' ନିହାଣ ମୁନରେ ମୋତେ ଖୋଦନ କରିବା ଆରମ୍ଭ କଲା ମୋତେ ଭାରି କଷ୍ଟ ହେଲା, ହେଲେ ସେ କଷ୍ଟକୁ ମୁଁ ଆଖିବୁଜି ସହିଗଲି। ମୋତେ ଯେମିତି ଲାଗୁଥାଏ ସେ କାରିଗରଟି କହୁଛି, ଆରେ ଯେତେ କଷ୍ଟ ହେଲେ ତାହାକୁ ସହିବା ଦରକାର। ଯଦି ସହିଯିବୁ ତେବେ ସୁନ୍ଦର ମୂର୍ତ୍ତିଟିଏ ହୋଇ ପୂଜା ପାଇବୁ। ହେଲେ ତୁ ବୋଧହୁଏ ସେ କଷ୍ଟ ସହି ପାରିଲୁନି। ତେଣୁ ସେମିତି ସେହି ଦିନୁ ତଳେ ପଡି ରହିଛୁ। ମୂର୍ତ୍ତିଟିଏ ହେବା ପରେ ମୋତେ ଲାଗୁଛି ମୋ ପଥର ଜୀବନ ଧନ୍ୟ ହୋଇଗଲା। ମୋତେ କେହି ଚାହୁଁ ନ ଥିଲେ, ହେଲେ ଏବେ ଫୁଲ, ଧୂପ ଦେଇ ପୂଜା କରୁଛନ୍ତି। ତୁ ତ କଷ୍ଟ ସହିବା ଶିଖିଲୁ ନାହିଁ। ଏବେ ମଧ୍ୟ ସମୟ ଅଛି ଯଦି କେଉଁ କାରିଗର ଶୁଭ ଦୃଷ୍ଟି ତୋ ଉପରେ ପଡେ ତୁ ବି ମୋରି ଭଳି ମୂର୍ତ୍ତିଟିଏ ହୋଇ ପୂଜା ପାଇବୁ। ହେଲେ ସେହି କଷ୍ଟକୁ ତୋତେ ସହିବାକୁ ପଡିବ। କେଉଁ ମନ୍ଦିରର କେଉଁ ସ୍ଥାନରେ ମୂର୍ତ୍ତିଟିଏ ହୋଇ ରହିବୁ ଆଉ ପୂଜା ପାଇବୁ। ସେଥିପାଇଁ ତୁ ଭଗବାନଙ୍କୁ ପ୍ରାର୍ଥନା କର ତୋର ସେହି ଆଶା ନିଶ୍ଚୟ ପୂରଣ ହେବ। ଏହାର ଉତ୍ତର କ'ଣ ଦେବ ସେକଥା ପଡିରହିଥିବା ପଥରଟି ଭାବୁଥାଏ।

ତେଣୁ ଆମେ ଯଦି କଷ୍ଟ କରିବା, ସାହସର ସହ ବାଧାବିଘ୍ନର ସମ୍ମୁଖୀନ ହୋଇ ଆଗେଇବା, ତେବେ ଆମକୁ ସମ୍ମାନ ମିଳିବ। ନ ହେଲେ ମନ୍ଦିର ସାମ୍ନାରେ ପଡିଥିବା ପଥର ପରି ଆମେ ସେମିତି ସ୍ଥାଣୁ ହୋଇ ରହିଯିବା।


*– କ୍ଲାସ-୯, ସୁଧାନନ୍ଦ ବିଦ୍ୟାଳୟ, ନଛିପୁର, କଟକ*

## ଖିଲିଖିଲି ହସ

➲ବଡଭାଇ: ମୋହିତ୍, ମୁଁ ତୋତେ ମୋ ମୋବାଇଲ୍ ଚାର୍ଜ କରିବାକୁ ଦେଇଥିଲି,ସେଟା ଚାରି ପାଞ୍ଚ ଘଣ୍ଟା ହେବ ଚାର୍ଜ ହେଉଛି। ଚାର୍ଜରୁ କାଢ଼ି ଦେ ନ ହେଲେ ଫୋନ୍ ବ୍ଲାଷ୍ଟ ହେବ।
ମୋହିତ୍: ଭାଇ ଟେନସନ୍ ଜମା ହୁଅନି,ଏମିତି ଜମା ହେବନି। କାହିଁକିନା ମୁଁ ଆଗରୁ ମୋବାଇଲ୍‌ରୁ ବ୍ୟାଟେରିଟା କାଢ଼ି ଦେଇଥିଲି।

➲ଅମନ: ଜାଣିଲୁ ଚମନ ମୋ ବାପାଙ୍କ ପାଖରେ ସାଇକେଲ୍‌ଠୁ ଆରମ୍ଭ କରି ଏରୋପ୍ଲେନ୍ ପର୍ଯ୍ୟନ୍ତ ସବୁ ଅଛି।
ଚମନ: ଯାହା ଜଣାପଡୁଛି, ତୋ ବାପାଙ୍କ ପାଖରେ ବହୁତ ଟଙ୍କାଅଛି।
ଅମନ: ଆରେ ନାହିଁ,ତାଙ୍କର ଖେଳନା ଦୋକାନ ଅଛି।

➲ଚିକି:ଚିଣ୍ଟୁ,ତୋର ତ ମଜା ଯେତେବେଳେ ସ୍କୁଲ୍ ଯିବାର ନ ଥିବ, କେତେ କ'ଣ ବାହାନା କରି ରହି ଯାଉଛୁ,ମୁଁ ତ ଏମିତି କରିପାରିବିନି।
ଚିଣ୍ଟୁ: କାହିଁକି କରିପାରିବୁନି ?
ଚିକି:କାରଣ ମୋ ବାପା ଜଣେ ଡାକ୍ତର।




## -: ସୂଚନା :-

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ

## ଭବାନୀପାଟଣା, କଳାହାଣ୍ଡି

ସ୍କୁଲ୍ ସ୍କୁଲ୍




କଳାହାଣ୍ଡି ଜିଲା ଭବାନୀପାଟଣାର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ହେଉଛି ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ । ୧୯୧୬ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ଏହି ବିଦ୍ୟାଳୟରେ ବିଦ୍ୟା ଅଧ୍ୟୟନ ସହିତ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଏ। ଏଠାରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଦିଆଯାଇଥାଏ ଏବଂ ସ୍କୁଲର ମୋଟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୩୬୫। ପାଠ ପଢ଼ା ବ୍ୟତୀତ, ଖେଳକୁଦ, ତଥା ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକଳାପ ଶିଖିବାର ସୁଯୋଗ ମଧ୍ୟ ରହିଛି ଏଠାରେ। ପିଲାମାନଙ୍କୁ ଆଇନ୍ କାନୁନ୍ ସମ୍ପର୍କରେ ଆବଶ୍ୟକ ତଥ୍ୟ ଜଣାଇବାକୁ ଏଠାରେ ସ୍ଥାପନ କରାଯାଇଛି 'ଆଇନ ସଚେତନତା କ୍ଲବ'। ଏହାବ୍ୟତୀତ ସ୍କୁଲରେ ଇକୋ କ୍ଲବ, ବିଜ୍ଞାନ କ୍ଲବ, ରେଡ୍‌ରିବନ୍ କ୍ଲବ ଆଦି ରହିଛି। 'ତରୁଣ' ନାମକ ଏକ ବାର୍ଷିକ ମୁଖପତ୍ର ପ୍ରକାଶ ପାଉଛି, ଯାହା ବିଦ୍ୟାର୍ଥୀଙ୍କର ବୁଦ୍ଧିମତାର ବିକାଶରେ ସହାୟକ ହୋଇଥାଏ। ଏହା ବ୍ୟତୀତ ରହିଛି ମଧ୍ୟ ସମର ଶିକ୍ଷାର୍ଥୀ ବାହିନୀ ( ଉଭୟ ଜଳ ଓ ସ୍ଥଳ), ବାଳଚର ବିଭାଗ, ଚିତ୍ରକଳା, ଡ୍ରାମା, ଆତ୍ମସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା କ୍ୟାମ୍ପ, କୈଶୋର ଶିକ୍ଷା ସଚେତନତା, ବୃତ୍ତିଗତ ସଚେତନତା ଶିବିର, ନ୍ୟାସନ୍ୟାଲ ଏବଂ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ ଅଫ ଓପନ ସ୍କୁଲିଙ୍ଗ। ସ୍କୁଲରେ ପାଠପଢ଼ିବା ପାଇଁ ରହିଛି ସୁସ୍ଥ ପରିବେଶ। କେବଳ କ୍ରୀଡା ନୁହେଁ, ନୃତ୍ୟ, ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ଏହି ସ୍କୁଲର ଛାତ୍ରମାନେ ଜିଲ୍ଲା, ରାଜ୍ୟ ଏବଂ ଜାତୀୟ ସ୍ତରରେ ମଧ୍ୟ ପ୍ରଶଂସିତ ଓ ପୁରସ୍କୃତ ହୋଇଛନ୍ତି।

– ରିପୋର୍ଟ: ସଞ୍ଜୀବ ଯୋଶୀ



ସ୍କୁଲର ୱାଲ ମ୍ୟାଗାଜିନ୍।



ଜିଲ୍ଲାସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବା ଛାତ୍ର କିଶୋର ବେହେରା।



ସ୍କୁଲରେ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ।

### ପ୍ରଧାନ ଶିକ୍ଷୟିତ୍ରୀ



ସୁଶ୍ରୀ ସବିତା ପଟ୍ଟନାୟକ

### ସଂକ୍ଷେପରେ

ସ୍ଥାପିତ : ୧୯୧୬ ମସିହା

ଶ୍ରେଣୀ : ୬ଷ୍ଠ ରୁ ୧୦ମ

ଶିକ୍ଷୟିତ୍ରୀ–ଶିକ୍ଷକ ସଂଖ୍ୟା : ୧୮

ଛାତ୍ରୀଛାତ୍ର ସଂଖ୍ୟା : ୩୬୫

ପ୍ରମୁଖ ଭାଷା : ଓଡ଼ିଆ, ହିନ୍ଦୀ, ଇଂରାଜୀ ଓ ସଂସ୍କୃତ

ବାର୍ଷିକ ମୁଖପତ୍ର: ତରୁଣ



ଜିଲ୍ଲାସ୍ତରୀୟ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର–୨୦୧୭ ଗ୍ରହଣ ଅବସରରେ।



ଅଭୟ



ଅନନ୍ତ



ଗୌତମ



ହରଭଜନ



ମନିଷ



ପ୍ରିୟଦର୍ଶିନୀ



ରଂଜନ



ଶାଳିନୀ

### ପ୍ରତିଭା

**ଅଭୟ କୁମାର ନାଏକ** (୧୦ମ): ଜିଲ୍ଲାସ୍ତରୀୟ କ୍ୱିଜ୍ ପ୍ରତିଯୋଗିତାରେ ପ୍ରଥମ ।

**ଅନନ୍ତ ନାଏକ** (୯ମ): ଜିଲ୍ଲାସ୍ତରୀୟ କଣ୍ଠସଂଗୀତ ପ୍ରତିଯୋଗିତାରେ ପ୍ରଥମ।

**ଗୌତମ ନାଏକ** (୯ମ) : ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଓ ସାଧାରଣତନ୍ତ୍ର ଦିବସରେ ପ୍ରବନ୍ଧ ରଚନାରେ ପ୍ରଥମ।

**ହରଭଜନ ଶବର** (୮ମ): ବିଦ୍ୟାଳୟର ଶ୍ରେଷ୍ଠ କବାଡ଼ି ଖେଳାଳି।

**ମନିଷ ରଂଜନ ବୁଦ୍ଧିଆ** (୯ମ) : ରାଜ୍ୟସ୍ତରୀୟ ବିଜ୍ଞାନ କଂଗ୍ରେସ, ରାଜ୍ୟସ୍ତରୀୟ ଯୁବ ସଂସଦରେ ଯୋଗଦାନ, ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ।


**ପ୍ରିୟଦର୍ଶିନୀ ପାଢ଼ୀ** (୯ମ): ରାଜ୍ୟସ୍ତରୀୟ ବିଜ୍ଞାନ କଂଗ୍ରେସ ଓ ରାଜ୍ୟସ୍ତରୀୟ କବିତା ଆବୃତ୍ତିରେ ଯୋଗଦାନ।

**ରଂଜନ କୁମାର ଦାଶ** (୧୦ମ): ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ।

**ଶାଳିନୀ ନାଏକ** (୯ମ): ବହୁବାର ନାଟକ ପ୍ରତିଯୋଗିତାରେ ଶ୍ରେଷ୍ଠ ଶିଶୁ ଅଭିନେତ୍ରୀ।



ଅତିଥିଙ୍କ ଗହଣରେ କଳା ନୈପୁଣ୍ୟ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ର।




୧



୨




୩




୪





୫



୬



୭



୮



୯



୧୦



୧୧



୧୨



୧ **ଆଦର୍ଶ ଗୌରବ ଦାସ,** କ୍ଲାସ -୧୦, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭୁବନେଶ୍ୱର



୨ **ଇଷାନ୍ ଦୀକ୍ଷିତ୍,** କ୍ଲାସ୍ -୫, ଡିଏଭି ସ୍କୁଲ, ୟୁନିଟ୍ -୮, ଭୁବନେଶ୍ୱର



୩ **ଅନନ୍ୟା ପ୍ରିୟଦର୍ଶିନୀ ମହାପାତ୍ର,** କ୍ଲାସ୍ -୫, କେନ୍ଦ୍ରୀୟ ବିଦ୍ୟାଳୟ-୧, ଭୁବନେଶ୍ୱର



୪ **ପ୍ରିୟାଂଶୀ ଦାସ,** କ୍ଲାସ୍ -୨, ବିକାଶ ରେସିଡେନ୍ସିଆଲ୍ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର




୫ **ମହେଶ୍ୱର ନାୟକ,** କ୍ଲାସ- ୭, ଅଙ୍କୁଲା ୟୁପି ସ୍କୁଲ, କୋଟପାଡ, କୋରାପୁଟ



୬ **ପ୍ରାଚୀ ମହାନ୍ତି,** କ୍ଲାସ୍ - ୮, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଧର୍ମବିହାର, ଖଣ୍ଡଗିରି, ଭୁବନେଶ୍ୱର



୭ **ସୁଶ୍ରୀ ଜିଜ୍ଞାସା ନାୟକ,** କ୍ଲାସ୍-୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୂଆସାହି, ରସୁଲଗଡ, ଭୁବନେଶ୍ୱର



୮ **ଶ୍ରେୟାସ୍ ବାହିନୀପତି,** କ୍ଲାସ୍-୨, ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର



୯ **ରିଚା ମହାନ୍ତି,** କ୍ଲାସ୍ -୩, ଡିଏଭି ପବ୍ଲିକ୍ ସ୍କୁଲ, ରାଧାଗୋବିନ୍ଦ ଲେନ୍, ପୁରୀ



୧୦ **ଇନ୍ଦୁମତୀ ମୁନା,** କ୍ଲାସ୍ -୭, ବାଘମୁଣ୍ଡ ଉ.ପ୍ରା. ବିଦ୍ୟାଳୟ, ପାଟଣାଗଡ, ବଲାଙ୍ଗୀର



୧୧ **ନମିତା ବରିହା,** କ୍ଲାସ୍-୬, ବାଘମୁଣ୍ଡ ଉ.ପ୍ରା. ବିଦ୍ୟାଳୟ, ପାଟଣାଗଡ, ବଲାଙ୍ଗୀର



୧୨ **ସୁରେଶ ନାୟକ,** କ୍ଲାସ୍ -୫, ପ୍ରୋଜେକ୍ଟ ଅପର ପ୍ରାଇମେରୀ ସ୍କୁଲ, ମଳାଶପଦର, ଭଞ୍ଜନଗର, ଗଞ୍ଜାମ

## କବିତା



### ଶିଖୁଥା’

ଝୁମୁରୁ ଝାଇଁ,
ହୁଙ୍କା ଗଡୁଛନ୍ତି ଦେଖରେ ଉଇ
କିଏ କଲା ବେଶି ଅଳପ କେ କଲା
ସେ କଥାକୁ ମନେ ଆଣନ୍ତି ନାହିଁ ।
ଝାଇଁ ଝପର,
ଫୁଲ ବନେ ଶୁଭେ ଭଅଁର ସୁର
କାମ ତା’ର ହେଲା ମହୁକୁ ଶୋଷିବା
ସବୁ ଫୁଲଙ୍କୁ ସେ ମଣି ନିଜର ।
ଝାଇଁକି ଝୁମ୍ପା,
ପିମ୍ପୁଡ଼ିଙ୍କ ଧାଡ଼ି ଦେଖକି ଲମ୍ବା
ଆଗପଛ ହୋଇ ଚାଲିଛନ୍ତି ସେହି
କଳି ତକରାଳ ନାହିଁ ତ ଜମା ।
ଝପର ଝାଇଁ,
ଏମାନଙ୍କଠାରୁ ଶିଖୁଥା ତୁହି,
ଶିଖୁଥିବୁ ଯଦି ତୋର ଚଲାପଥ
ସଦା କୁସୁମିତ ହୋଇବ ଯାଇ ।

**–ରମାକାନ୍ତ ବେହେରା**
ଭଣ୍ଡାରିପୋଖରୀ, ଭଦ୍ରକ

### ମାଟି ମାଆର ସନ୍ତାନ



ମାଟି ମାଆର ସନ୍ତାନ ସେହି
ମାଟି ତାହାର ଜୀବନ
ତାହାରି ପାଇଁ ଜୀବନ ଦେଇ
କରିଛି ଜୀବନ ଧନ୍ୟ ।
ଏ ମାଟି ଦିଏ ହୀରା, ନୀଳା, ସୁନା
ମାଟିରୁ ହୁଅଇ ଚାଷ
ବରଷକେ ଥରେ ଅମଳ କରି
ବସି ଖାଏ ବାର ମାସ ।।
ସେହି ତ ଆମକୁ ଅନ୍ନ ଯୋଗାଏ
ତାହାକୁ ବୋଲୁଁ ଚାଷୀ
ବିଲରେ ନିତି ସେ ଚାଷ କରଇ
ମାଟି ସଙ୍ଗେ ସଦା ମିଶି ।
ମୁଣ୍ଡର ଝାଳକୁ ତୁଣ୍ଡରେ ମାରି
ଫଳାଏ ସୁନା ଫସଲ
ପର ପାଇଁ ଖଟି ସେ ନିତି
ହେଉଥାଏ କଲବଲ ।

**–ବୃନ୍ଦାବନ କୁମ୍ଭାର**
ଚାଣ୍ଡିପଲା, ଟିଟିଲାଗଡ଼, ବଲାଙ୍ଗୀର

## ପ୍ରତିଭା

# ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି

ଇଚ୍ଛା ଥିଲେ ଉପାୟ ବଳେ ବଳେ ଆସେ– ଏଭଳି ଉକ୍ତିକୁ ନିଜ ଛାତ୍ର ଜୀବନରେ ଅନେକାଂଶରେ ସଫଳ କରିଛନ୍ତି ଶୁଭମ ବେହେରା। ବୟସ ମାତ୍ର ୧୦ବର୍ଷ। ହେଲେ ଏତେ କମ୍ ବୟସରେ ସେ ନିଜର ପ୍ରତିଭା ପ୍ରଦର୍ଶନ କରି ସଫଳତା ସାଉଁଟିବାରେ ଲାଗିଛନ୍ତି। ଖାସ୍ କଥା ହେଲା, ୨୦୧୭–୧୮ ଶିକ୍ଷାବର୍ଷରେ ସେ ରାଜ୍ୟସ୍ତରୀୟ ମେଧାବୃତ୍ତି ପାଇଛନ୍ତି। ଶୁଭମ ବର୍ତ୍ତମାନ ବାଲିଅନ୍ତାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଚତୁର୍ଥ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ସ୍କୁଲରେ ନିଜକୁ ଜଣେ ମେଧାବୀ ଛାତ୍ର ଭାବରେ ପରିଚିତ କରାଇପାରିଛନ୍ତି ଏହି ପ୍ରତିଭା। ପାଠପଢ଼ା ବ୍ୟତୀତ ସେ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ଅବସର ମିଳିଲେ ସେ ଚିତ୍ର ଆଙ୍କିବାକୁ ପସନ୍ଦ କରିଥାଆନ୍ତି। ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ବେଣ୍ଣୁପୁର ଗ୍ରାମରେ ଶୁଭମଙ୍କ ଜନ୍ମ। ପିଲାଟିଦିନରୁ ଶୁଭମଙ୍କର ବକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତି ରୁଚି ଦେଖି ତାକୁ ଉତ୍ସାହିତ କରିଥିଲେ ମା’ ମନୋରମା ଏବଂ ବାପା ବାସୁଦେବ ବେହେରା। ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା କୁହନ୍ତି ଶୁଭମ୍।


ଶୁଭମ୍

## କହିଲ ଦେଖି ?

୧)ବରଡା ପତରେ ତା’ ଦେହ ଗଢା
ଚାଷୀ ପାଇଁ ପରା ଅଟଇ ଲୋଡା
ଶ୍ରାବଣ ମାସେ ଯେବେ ବିଲକୁ ଯାଏ
କେଡେ ସରାଗରେ ସାଥୀରେ ନିଏ
ବରଷା ଦାଉରୁ ରକ୍ଷା ପାଇଁ
କାମକରୁଥାଏ ତାହା ମୁଣ୍ଡେ ଲଗେଇ ।

ଉ–**ପଖିଆ**

୨)ଏମିତି ଗଛଟେ ସିଏ ଅଟଇ
ସବୁ ଅଂଶ ତା’ର କାମେ ଲାଗଇ
ଶୁଭ ଅଶୁଭ ସବୁକାର୍ଯ୍ୟରେ
ଲୋଡ଼ାହୁଏ ପରା ସିଏ ଆଗରେ
ପତ୍ର ମଝିରେ ଥାଏ ଗୋଟିଏ ଶିରା
ସେହି ଶିରାରେ ଯେ ହୁଏ ପଅଁରା
ସେ ଫଳର ପାଣି ଭାରି ମଧୁର
ପେଟଶାନ୍ତି ହୁଏ ତାକୁ କଲେ ଆହାର ।

ଉ–**ନଡିଆ ଗଛ**

୩)ଯାହା ମଥାରେ ନାଲି ସିନ୍ଦୂର
ଶଙ୍ଖାବି ଥିବ ହାତେ
ଗଳାରେ ଥିବ ମଙ୍ଗଳ ସୂତ୍ର
ଗୋଡ଼ମୁଦିଟି ପାଦେ ।

ଉ– **ସଧବା ନାରୀ**

**–ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର,ଉତ୍ତରକୂଳହାଟ,
ପ୍ରୀତିପୁର,ଯାଜପୁର

## ଆସ ଜାଣିବା

# ରୋବୋ କରୁଛି ପିଜା

ଆଧୁନିକ ଟେକ୍ନୋଲୋଜିର ବିକାଶ ଫଳରେ ଅନେକ କାମ ସହଜ ଏବଂ ସୁବିଧାରେ ହୋଇପାରୁଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳୁଛି ଫ୍ରାନ୍ସରେ। ଫ୍ରାନ୍ସର ଫୁଡ୍ ଷ୍ଟାର୍ଟଅପ୍ କମ୍ପାନୀ ନିକଟରେ ଏକ ରୋବୋ ପ୍ରସ୍ତୁତ କରିଛି, ଯିଏ ଅତିକମ୍ ସମୟ ମଧ୍ୟରେ ତିଆରି କରିପାରୁଛି ସ୍ୱାଦିଷ୍ଟ ପିଜା। ତିନୋଟି ହାତ ବିଶିଷ୍ଟ ଏହି ରୋବୋକୁ ଆଧୁନିକ ଜ୍ଞାନକୌଶଳ ଦ୍ୱାରା ଏଭଳି ପ୍ରୋଗ୍ରାମିଂ କରାଯାଇଛି ଯାହାକୁ ପିଜା ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇଦେଲେ ସେ ଏକଘଣ୍ଟା ମଧ୍ୟରେ ୧୨୦ପିଜା ପ୍ରସ୍ତୁତ କରିବାର କ୍ଷମତା ରଖୁଛି। ଖୁବ୍‌ଶୀଘ୍ର ଏହି ରୋବୋକୁ ରେଷ୍ଟୁରାଣ୍ଟରେ ନିୟୋଜିତ କରିବାକୁ ଯୋଜନା ରଖିଛି ଏହି କମ୍ପାନୀ।



## ଏଥରର ପ୍ରଶ୍ନ ?

- କପିଳାସ ପର୍ବତ ଓଡ଼ିଶାର କେଉଁ ଜିଲାରେ ଅବସ୍ଥିତ ?
- ଦେଓମାଳୀ ପର୍ବତ କେଉଁ ଜିଲାରେ ଅବସ୍ଥିତ ?
- ଗନ୍ଧମାର୍ଦ୍ଦନ ପର୍ବତ କେଉଁ ଜିଲାରେ ଅଛି ?
- ମହେନ୍ଦ୍ରଗିରି ପର୍ବତ କେଉଁ ଜିଲାରେ ଅବସ୍ଥିତ ?
- ନିୟମଗିରି ପର୍ବତ କେଉଁ ଜିଲା ଅନ୍ତର୍ଗତ ?

## ରଙ୍ଗ ଭର



## ଆରଥରର ଉତ୍ତର

- କ୍ରିକେଟ
- ଫୁଟବଲ
- କ୍ୟାରମ
- ଚେସ୍
- ବ୍ୟାଡ୍‌ମିଣ୍ଟନ
- ସୁଟିଂ



ଇଂ. ମାୟାଧର ସ୍ୱାଇଁ

# ବିରାଡ଼ି ଦ୍ୱୀପ



ଜାପାନର ଗୋଟିଏ ଛୋଟ ଦ୍ୱୀପର ନାମ ହେଉଛି ତାଶିରୋଜିମା। ଏହା ପ୍ରଶାନ୍ତ ମହାସାଗରରେ ଇଶିନୋମାକି ଉପସାଗରରେ ଅବସ୍ଥିତ। ଏହା ବିରାଡ଼ି ଦ୍ୱୀପ ଭାବେ ଖ୍ୟାତ। କାରଣ ଏହି ଦ୍ୱୀପର ଲୋକସଂଖ୍ୟା ଏକ ଶହ ହୋଇଥିବା ବେଳେ ବିରାଡି ସଂଖ୍ୟା ଛଅ ଶହରୁ ଅଧିକ। ଏହି ଦ୍ୱୀପର କ୍ଷେତ୍ରଫଳ ହେଉଛି ୩.୧୪ ବର୍ଗ କିମି। ଏଥିରେ ମାତ୍ର ଦୁଇଟି ଗ୍ରାମ ଓଡ଼ୋମା ଓ ନିତୋଦା ରହିଛି।

ସ୍ଥାନୀୟ ଅଧିବାସୀମାନେ ବହୁବର୍ଷ ପୂର୍ବେ ଏଠାରେ ରେଶମ ପୋକ ଚାଷ କରୁଥିଲେ। ଏଣୁ ମୂଷାଙ୍କଠାରୁ ଏହାକୁ ରକ୍ଷା କରିବା ପାଇଁ ସେମାନେ ଜାପାନ ମୂଳଭୂମିରୁ ପ୍ରଥମେ ଏଠାକୁ ବିରାଡି ଆଣିଥିଲେ। ସମୟକ୍ରମେ ଏଠାରେ ଲୋକମାନେ ରେଶମ ଚାଷ ଛାଡ଼ିଦେଲେ ଏବଂ ସମୁଦ୍ରରୁ ମାଛ ଧରିବା ସେମାନଙ୍କର ମୁଖ୍ୟ ପେସା ହୋଇଗଲା। କିନ୍ତୁ ବିରାଡିମାନଙ୍କୁ ସେମାନଙ୍କର ଭଲ ପାଇବା କମିଲା ନାହିଁ।

ଦ୍ୱୀପ ମଝିରେ ଦୁଇ ଗ୍ରାମର ମଧ୍ୟସ୍ଥଳରେ ଗୋଟିଏ ବିରାଡି ମନ୍ଦିର ନିର୍ମାଣ କରାଯାଇଛି। ଥରେ ଦୁର୍ଘଟଣାବଶତଃ ଗୋଟିଏ ପଥର ପଡି ବିରାଡିଟିଏ ମରିଗଲା। ତାହା ସ୍ମୃତିରେ ଲୋକମାନେ ଏହି ମନ୍ଦିର ନିର୍ମାଣ କରିଛନ୍ତି। ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଲୋକମାନେ ନିଜ ଘରକୁ ମଧ୍ୟ ବିରାଡି ଆକୃତିରେ ନିର୍ମାଣ କରିଛନ୍ତି। ଆଶ୍ଚର୍ଯ୍ୟର କଥା ଯେ ୨୦୧୧ ମସିହାରେ ହୋଇଥିବା ସୁନାମିରେ ଏହି ଦ୍ୱୀପର କୌଣସି ଲୋକ କିମ୍ବା ବିରାଡି ମୃତାହତ ହୋଇ ନ ଥିଲେ। ଦ୍ୱୀପବାସୀଙ୍କ ରୋଜଗାରର ଉତ୍ସ ହେଉଛି ମାଛ ଓ ପର୍ଯ୍ୟଟନ। ଏହି ଦ୍ୱୀପର ଲୋକସଂଖ୍ୟା କ୍ରମଶଃ ହ୍ରାସପାଉଛି। ୧୯୫୦ମସିହାରେ ଏହାର ଲୋକସଂଖ୍ୟା ପ୍ରାୟ ୧୦୦୦ ଥିବା ବେଳେ ବର୍ତ୍ତମାନ ଏହା ୧୦୦ରେ ପହଞ୍ଚିଛି। ପୁନଶ୍ଚ ଅର୍ଦ୍ଧାଧିକ ଲୋକଙ୍କର ବୟସ ହେଉଛି ୬୫ ବର୍ଷରୁ ଅଧିକ। ଏଣୁ ଏହା ଶୀଘ୍ର ଜନମାନବଶୂନ୍ୟ ଦ୍ୱୀପରେ ପରିଣତ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ଅବଶ୍ୟ ସେତେବେଳେ ଏଠାରେ କେବଳ ବିରାଡି ରହି 'ବିରାଡି ଦ୍ୱୀପ'ର ନାମକୁ ସାର୍ଥକ କରିବେ।

*୭୦, ଲକ୍ଷ୍ମୀବିହାର, ଫେଜ୍-୧*
*ଭୁବନେଶ୍ୱର*
*ମୋ: ୯୪୩୮୬୯୩୭୨୪*

## ଜଣା ଅଜଣା

### ରାଗିଆନା ବାର୍ଡ ଅଫ୍ ପାରାଡାଇଜ୍

**ନି**ଉଗିନି ରେ ଦେଖାଯାଉଥିବା ରାଗିଆନା ବାର୍ଡ ଅଫ୍ ପାରାଡାଇଜ୍ ନାମକ ପକ୍ଷୀଟି ନିଜ ସାଥୀକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ଭଙ୍ଗୀରେ ନୃତ୍ୟ ପ୍ରଦର୍ଶନ କରିଥାଏ।



### ନୂତନ ପ୍ରଜାତିର ମୂଷା

**ନି**କଟରେ ପରିବେଶବିଜ୍ଞାନୀମାନେ ଏକ ନୂତନ ପ୍ରଜାତିର ମୂଷା ଆବିଷ୍କାର କରିଛନ୍ତି। ସୋଲୋମନ୍ ଦ୍ୱୀପରେ ଦେଖାଯାଇଥିବା ଭେଙ୍ଗୁନୁ ଜିଆଣ୍ଟ ର୍ୟାଟ୍ ନାମକ ଏହି ମୂଷା ପ୍ରଜାତି ସାଧାରଣ ମୂଷାର ଆକାରଠାରୁ ୪ ଗୁଣ ବଡ଼।





### ଗଣ୍ଡା

**ଗ**ଣ୍ଡାର ଶିଙ୍ଘ କେରାଟିନ ବା କେଶ ତନ୍ତୁରେ ତିଆରି। ଆଫ୍ରିକା ଏବଂ ସୁମାତ୍ରାରେ ଦେଖାଯାଉଥିବା ଗଣ୍ଡାମାନଙ୍କ ଦୁଇଟି ଶିଙ୍ଘ ରହିଥିବା ବେଳେ ଭାରତ ଏବଂ ଜାଭାରେ ଦେଖାଯାଉଥିବା ଗଣ୍ଡାର ଗୋଟିଏ ଶିଙ୍ଘ ରହିଥାଏ।

### ଚା' ଉତ୍ପାଦନକାରୀ ଦେଶ

**ବ**ର୍ଷକୁ ହାରାହାରି ୧,୦୦୦,୧୩୦ ଟନ୍ ଚା' ଉତ୍ପାଦନ କରି ଚାଇନା ପ୍ରଥମ ଚା' ଉତ୍ପାଦନକାରୀ ଦେଶର ମାନ୍ୟତା ପାଇଥିବା ବେଳେ ୯୦୦,୦୦୦ ଟନ୍ ଚା' ଉତ୍ପାଦନ କରି ଭାରତ ଦ୍ୱିତୀୟ ଚା' ଉତ୍ପାଦନକାରୀ ଦେଶର ମାନ୍ୟତା ଲାଭ କରିଛି।







### ହିକ୍କିମ୍ ପୋଷ୍ଟ ଅଫିସ

**ହି**ମାଚଳ ପ୍ରଦେଶରେ ଅବସ୍ଥିତ ହିକ୍କିମ୍ ପୋଷ୍ଟ ଅଫିସ୍ ବିଶ୍ୱର ସବୁଠାରୁ ଉଚ୍ଚରେ ଥିବା ପୋଷ୍ଟ ଅଫିସ୍। ଏହା ସମୁଦ୍ର ପତ୍ତନଠାରୁ ପ୍ରାୟ ୧୪,୫୬୭ ଫୁଟ ଉଚ୍ଚରେ ଅବସ୍ଥିତ।

### ସାପ ଶିଡ଼ି ଖେଳ

**ପି**ଲାମାନଙ୍କର ପ୍ରିୟ ସାପ ଶିଡ଼ି ଖେଳ ସର୍ବପ୍ରଥମେ ଭାରତରେ ଆରମ୍ଭ ହୋଇଥିଲା। ଏହି ଖେଳ ମୌକ୍ଷ ପଟ୍ଟମ ନାମରେ ଖ୍ୟାତ ଥିଲା।



# ଆଇନା



ସ୍ନିଥ୍ ସୁମନ୍
(୬ବର୍ଷ)



ସନ୍ତୋଷୀ
(୧୨ବର୍ଷ)

ଆୟୁଷୀ
(୫ବର୍ଷ)

